**ରାଜ୍ୟ ଜଙ୍ଗଲ ମୁଖ୍ୟ କାର୍ଯ୍ୟାଳୟ**

**ପ୍ରଧାନ ମୁଖ୍ୟ ବନସଂରକ୍ଷକ ଓ ଜଙ୍ଗଲ ବାହିନୀ ପ୍ରମୁଖ କାର୍ଯ୍ୟାଳୟ, ଓଡ଼ିଶା**

ନଥି ସଂଖ୍ୟା ୧୭୩/୨୦ / ପତ୍ର ସଂଖ୍ୟା ୮୮୯୦

ତାରିଖ ୬ ମଇ, ୨୦୨୧, ଭୁବନେଶ୍ୱର

ପ୍ରାପ୍ତେଷୁ

ସମସ୍ତ ମଣ୍ଡଳ ଅଧିକାରୀ (All RCCFs)

ସମସ୍ତ ବନଖଣ୍ଡ ଅଧିକାରୀ (All DFOs)

**ବିଷୟ : ବୃକ୍ଷରୋପଣ ନିର୍ଦ୍ଦେଶାବଳୀ - ୨୦୨୧**

୧. ଅନୁମୋଦିତ କାର୍ଯ୍ୟ ଯୋଜନା / କାର୍ଯ୍ୟକାରୀ ଯୋଜନା, ଜଙ୍ଗଲ ପରିବ୍ୟାପ୍ତ ସାନ୍ଦ୍ରତା (Forest Canopy Density)ର ମାନଚିତ୍ର ଏବଂ କ୍ଷତିପୂରକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅଧୀନରେ ଉପଲବ୍ଧ ସମ୍ପୃକ୍ତ ଡିଭିଜନୱାରୀ ସୂଚନା ଉପରେ ଅନୁଧ୍ୟାନକରି, ରାଜ୍ୟ ଜଙ୍ଗଲ ମୁଖ୍ୟ କାର୍ଯ୍ୟାଳୟ ବୃକ୍ଷରୋପଣ ବର୍ଷ -୨୦୨୧ ପାଇଁ ବିଭିନ୍ନ ଟେରିଟୋରିଆଲ୍ ଏବଂ ୱାଇଲ୍ଡ ଲାଇଫ୍ ଡିଭିଜନରେ ବୃକ୍ଷରୋପଣ ଯୋଜନା ପାଇଁ ଏକ କାର୍ଯ୍ୟକ୍ରମର ଖସଡ଼ା ପ୍ରସ୍ତୁତ କରିଛନ୍ତି ।୨୦୨୧ ମସିହାରେ ବୃକ୍ଷ ରୋପଣ ପାଇଁ କରାଯାଇଥିବା ଧାର୍ଯ୍ୟ ଲକ୍ଷ୍ୟ ସମସ୍ତ ବନଖଣ୍ଡ ମାନଙ୍କୁ ମୁଖ୍ୟ କାର୍ଯ୍ୟାଳୟର ପତ୍ର ସଂଖ୍ୟା ନଂ- ୨୧୫୨୨ ତା ୦୯.୧୨.୨୦୨୦ରିଖରେ ପ୍ରେରଣ କରାଯାଇଛି ଏବଂ ମୁଖ୍ୟ କାର୍ଯ୍ୟାଳୟର ପତ୍ର ସଂଖ୍ୟା ନଂ- ୨୭୧୭ ତା ୦୫.୦୨.୨୦୨୧ରିଖରେ ପୁନଶ୍ଚ ପ୍ରେରିତ କରାଯାଇଅଛି । ୨୦୨୧ ବୃକ୍ଷରୋପଣ ଋତୁରେ ସମସ୍ତ ଟେରିଟୋରିଆଲ୍ ଏବଂ ୱାଇଲ୍ଡ ଲାଇଫ୍ ଡିଭିଜନମାନଙ୍କଦ୍ୱାରା ହେବାକୁ ଥିବା ବିଭିନ୍ନ ବୃକ୍ଷରୋପଣ କାର୍ଯ୍ୟକ୍ରମ ସମୟରେ ଏହି ନିର୍ଦ୍ଦେଶାବଳୀ ମାର୍ଗଦର୍ଶିକା ଭାବରେ ଅନୁସରଣ କରିବା ପାଇଁ ଉଦ୍ଦିଷ୍ଟ।

**୨ . ବୃକ୍ଷରୋପଣ ପାଇଁ ଚାରା ପ୍ରସ୍ତୁତି (Planting stock)**

(କ) ଚଳିତ ବର୍ଷ ସମସ୍ତ ବନଖଣ୍ଡ ମାନଙ୍କରେ ବୃକ୍ଷରୋପଣ ପାଇଁ କେବଳ ୧୮ ମାସର ପୁରୁଣା ବୃକ୍ଷଚାରା ବ୍ୟବହାର କରାଯିବା ପାଇଁ ସ୍ଥିରୀକୃତ ହୋଇଅଛି । କେବଳ

ବଣ୍ଟନ ପାଇଁ, ଉପଯୁକ୍ତ ପ୍ରଜାତି/କିସମର ୬ ମାସ ପୁରୁଣା ବୃକ୍ଷଚାରା ବ୍ୟବହାର କରାଯାଇପାରେ । RCCF ମାନେ ସେମାନଙ୍କ ଅଧୀନରେ ଥିବା ସମସ୍ତ ବନଖଣ୍ଡରେ ୧୮ ମାସର ପୁରୁଣା ବୃକ୍ଷଚାରା ଉପଲବ୍ଧ ରହିଥିବା ନିଶ୍ଚିତ କରିବା ଉଚିତ । ଯଦି କୌଣସି ଡିଭିଜନରେ ପର୍ଯ୍ୟାପ୍ତ ୧୮ ମାସିଆ ଚାରା ନଥିବ, ତେବେ ବଳକା ଚାରା ମହଜୁଦ ରହିଥିବା ନିକଟସ୍ଥ ଡିଭିଜନରୁ ୧୮ ମାସର ପୁରୁଣା ଚାରାକୁ ସ୍ଥାନାନ୍ତର କରାଯାଇପରେ କିମ୍ବା ଡିଭିଜନମାନଙ୍କର ବୃକ୍ଷରୋପଣ ପାଇଁ ଧାର୍ଯ୍ୟ ଲକ୍ଷ୍ୟକୁ ପୁନଃ ବ୍ୟବସ୍ଥିତ କରାଯାଇପାରେ । ଏହି ସମ୍ବନ୍ଧୀୟ ନିର୍ଦ୍ଦେଶନାମା ଜଙ୍ଗଲ ମୁଖ୍ୟଙ୍କ କାର୍ଯ୍ୟାଳୟର ପତ୍ର ସଂଖ୍ୟା ୩୪୬୩ ତା ୧୨.୦୨.୨୦୨୧ରିଖରେ ସମସ୍ତ RCCF ମାନଙ୍କୁ ଏବଂ ପରବର୍ତ୍ତୀ ପତ୍ର ସଂଖ୍ୟାରେ ସମସ୍ତ DFO ମାନଙ୍କୁ ପ୍ରେରିତ କରାଯାଇଛି, ଯାହାକୁ ପୁନଃ ଅବଲୋକନ କରାଯାଇପାରେ । ଡିଭିଜନର ସମସ୍ତ ବୃକ୍ଷରୋପଣ କାର୍ଯ୍ୟକ୍ରମ ପାଇଁ କେବଳ ୧୮ ମାସର ଚାରା ଉପଲବ୍ଧ କରାଇବା DFO ମାନଙ୍କର ପ୍ରାଥମିକ ଦାୟିତ୍ୱ ଅଟେ । ବନଖଣ୍ଡ ମାନଙ୍କଦ୍ୱାରା ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଚାରା କିଣି ବ୍ୟବହାର କରିବା ପାଇଁ କୌଣସି ଅନୁମତି ଦିଆଯାଇ ନାହିଁ ।

(ଖ) ଜନସାଧାରଣଙ୍କ ସୂଚନା ଏବଂ 5T ପଦକ୍ଷେପ ଅନୁଯାୟୀ ସ୍ୱଚ୍ଛତା ବଜାୟ ରଖିବା ପାଇଁ ଚାରା ଉଦ୍ୟାନ (nursery) ବାହାରେ ପ୍ରଜାତି/କିସମୱାରୀ ମହଜୁଦ ଚାରା ସମ୍ବନ୍ଧୀୟ ତଥ୍ୟ ସୂଚନା ଫଳକରେ ଉଲ୍ଲେଖ କରାଯିବା ଦରକାର ଏବଂ ସୂଚନା ଫଳକର ଫଟୋଗ୍ରାଫ୍ ୩୧ ମେ, ୨୦୨୧ ସୁଦ୍ଧା OFMS ପୋର୍ଟାଲରେ ସମ୍ପୃକ୍ତ ରେଞ୍ଜ ଅଧିକାରୀଙ୍କ ଦ୍ୱାରା ଅପଲୋଡ୍ କରାଯିବା ଆବଶ୍ୟକ ।

## ୩. ବୃକ୍ଷରୋପଣ ପାଇଁ ଚାରା ମନୋନୟନ (Choice of Species)

ବୃକ୍ଷରୋପଣ ପାଇଁ କେଉଁ କେଉଁ କିସମର ଚାରା ବ୍ୟବହାର କରାଯିବ ସେ ସମ୍ବନ୍ଧୀୟ ନିର୍ଦ୍ଦେଶନାମା ରାଜ୍ୟ ଜଙ୍ଗଲ ମୁଖ୍ୟ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୧୦୨/୧୨ (ବନୀକରଣ) ତା ୦୪.୧୦.୨୦୧୮ ରିଖରେ ପ୍ରେରଣ କରାଯାଇଅଛି ଏବଂ ଏହି

କାର୍ଯ୍ୟାଳୟ ପତ୍ର ସଂଖ୍ୟା ୮୫୭୪ ତା ୨୮.୦୪.୨୦୨୧ ରିଖରେ ତାହାକୁ ପୁନଃ ଦୃଢୀକରଣ କରାଯାଇଅଛି। ଏହି ନିର୍ଦ୍ଦେଶାନାମାକୁ ପାଳନ କରାଯିବ ।

୪. ତଥ୍ୟ ଅଦ୍ୟତନ (Data Updation)

ବୃକ୍ଷରୋପଣ କାର୍ଯ୍ୟକ୍ରମ ଯଥା- ଚାରା ପ୍ରସ୍ତୁତି, ନିରୁପିତ ସ୍ଥାନର ସର୍ବେକ୍ଷଣ ମାନଚିତ୍ର, ଗାତ ଖୋଳିବା, ଚାରା ରୋପଣ ଏବଂ ରୋପଣ ପରବର୍ତ୍ତୀ କାର୍ଯ୍ୟ ଗୁଡ଼ିକ ସହିତ ଜଡିତ ସମସ୍ତ ତଥ୍ୟ OFMS ପ୍ଲାଟଫର୍ମ ମାଧ୍ୟମରେ ଅପଲୋଡ୍ ହେବାପରେ ହିଁ ଗ୍ରହଣ କରାଯିବ | ରେକର୍ଡ ଦାଖଲର ଅନ୍ୟ କୌଣସି ଧାରାକୁ ଅନୁମତି ଦିଆଯିବ ନାହିଁ | ତଥ୍ୟ ଅପଲୋଡ୍ ପାଇଁ ସବିଶେଷ SOP / ପ୍ରୋଟୋକଲ୍ / ନିର୍ଦ୍ଦେଶାବଳୀ ରାଜ୍ୟ ଜଙ୍ଗଲ ମୁଖ୍ୟ କାର୍ଯ୍ୟାଳୟର ଜଙ୍ଗଲ ସୂଚନା ଏବଂ ପ୍ରଯୁକ୍ତିବିଦ୍ୟା ଶାଖା (FITGC) ଦ୍ୱାରା ପ୍ରଦାନ କରାଯିବ। FITGC ଏକ ହେଲ୍ପ ଡେସ୍କ ସ୍ଥାପନ କରି ସେଠାରେ କାର୍ଯ୍ୟକରୁଥିବା ବ୍ୟକ୍ତି ମାନଙ୍କର ମୋବାଇଲ ନମ୍ବର ଗୁଡ଼ିକୁ ସମସ୍ତଙ୍କୁ ଅବଗତ କରାଇବେ| DFO ଏବଂ ରେଞ୍ଜ ଅଧିକାରୀମାନେ ୩୦ ସେପ୍ଟେମ୍ବର, ୨୦୨୧ ପର୍ଯ୍ୟନ୍ତ ସେମାନଙ୍କ ଡିଭିଜନ/ରେଞ୍ଜ ସମ୍ବନ୍ଧିତ ତଥ୍ୟ update / revise କରିବାପାଇଁ ସୁଯୋଗ ପାଇପାରିବେ, ଯାହା ପରେ ତଥ୍ୟ upload ପ୍ରକ୍ରିୟା ବନ୍ଦ ହୋଇଯିବ ଏବଂ ତା' ପରେ ଯେକୌଣସି ପରିବର୍ତ୍ତନ କେବଳ FITGC ଦ୍ୱାରା ସମ୍ପୃକ୍ତ RCCF ଙ୍କ ସୁପାରିଶ କ୍ରମେ କରାଯାଇପାରିବ |

**୫. ବୃକ୍ଷରୋପଣ ସମୟ (Plantation Period)**

(କ) ରେଞ୍ଜ ଅଧିକାରୀ DFOଙ୍କ ସହିତ ପରାମର୍ଶ କରି କେଉଁ ଦିନ ବୃକ୍ଷରୋପଣ କରାଯିବ ତାହା ସ୍ଥିର କରିବେ | ଚାରା ରୋପଣ କରିବାର ଯଥେଷ୍ଟ ପୂର୍ବରୁ ଗାତ ଖୋଳା କାର୍ଯ୍ୟ ସମାପ୍ତ ହେବା ଦରକାର ଏବଂ କୌଣସି ମତେ ଏହା ୩୧ ମଇ ୨୦୨୧ ପୂର୍ବରୁ ସମାପ୍ତ ହେବା ଆବଶ୍ୟକ | ଏକକାଳୀନ ଗାତ ଖୋଳିବା ଏବଂ ଚାରା ରୋପଣ କରିବା ବାଞ୍ଛନୀୟ ନୁହେଁ| ବୃକ୍ଷରୋପଣ ପାଇଁ ଚାରା ପରିବହନ ପୂର୍ବରୁ ନର୍ସରୀରେ ମହଜୁଦର ଚାରା ଗୁଡ଼ିକର ସବିଶେଷ ତଥ୍ୟ (ସଂଖ୍ୟା ଏବଂ ଫଟୋଚିତ୍ର) OFMS portalରେ

ଅପଲୋଡ୍ ହେବା ଉଚିତ । ମୌସୁମୀ ପ୍ରବାହକୁ ଆଖି ଆଗରେ ରଖି ବୃକ୍ଷରୋପଣ କାର୍ଯ୍ୟ ଆରମ୍ଭ କରାଯିବା ଉଚିତ ଏବଂ ୩୧ ଜୁଲାଇ, ୨୦୨୧ ସୁଦ୍ଧା ବୃକ୍ଷରୋପଣ କାର୍ଯ୍ୟ ସମାପ୍ତ କରଯିବା ଆବଶ୍ୟକ ।

ଖ) ବୃକ୍ଷରୋପଣ ସ୍ଥାନରେ ସ୍ଥାନୀୟ ଜନସାଧାରଣ/ ଲୋକ ପ୍ରତିନିଧି / ସ୍ଥାନୀୟ ସରକାରୀ ଓ ବେସରକାରୀ ଆନୁଷ୍ଠାନର ଅଧିକାରୀଙ୍କ ଉପସ୍ଥିତି/ ସହଯୋଗରେ ବନ ମହୋତ୍ସବ ପାଳନ କରାଯିବା ପାଇଁ ମୁଖ୍ୟ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୪୫୦୧ ତା ୨୬.୦୨.୨୦୨୧ରିଖ ରେ ସୂଚୀତ କରାଯାଇଅଛି । ଏହାସହିତ ପ୍ରତିବର୍ଷପରି ଏହି ବର୍ଷ ମଧ ରେଞ୍ଜ / ଡିଭିଜନ୍ / ଜିଲ୍ଲା ସ୍ତରରେ ବନ ମହୋତ୍ସବ ସମସ୍ତଙ୍କ ସହଯୋଗ/ ସହଭାଗିତାରେ ପାଳନ କରାଯିବ ।

## ୬. ବୃକ୍ଷ ରୋପଣ ନକ୍ସା/ ପରିକଳ୍ପନା (Plantation Design)

(କ) ବୃକ୍ଷରୋପଣ ନକ୍ସା/ ପରିକଳ୍ପନା ଅର୍ଥାତ୍, ପ୍ରସ୍ତାବିତ ବୃକ୍ଷରୋପଣ ସ୍ଥାନର କେଉଁ ଅଞ୍ଚଳରେ କେଉଁ ପ୍ରଜାତିର ବୃକ୍ଷଚାରା ରୋପଣ କରିବାକୁ ହେବ ତାହା ଗାତ ଖୋଳିବା ସମୟରେ ଚୂଡ଼ାନ୍ତ ହେବା ଆବଶ୍ୟକ। ରେଞ୍ଜ ଅଫିସରଙ୍କ ପରାମର୍ଶରେ ଉପଲବ୍ଧ ପ୍ରଜାତି/କିସମର ଚାରାକୁ ଭିତ୍ତିକରି ଏବଂ ନିରୂପିତ ସ୍ଥାନର ଉପଯୁକ୍ତତା ଆଧାରରେ ସେକସନ ଫରେଷ୍ଟର ବୃକ୍ଷରୋପଣ ନିମନ୍ତେ ଏକ ପରିକଳ୍ପନା/ ନକ୍ସା ପ୍ରସ୍ତୁତ କରିବେ । ଡିଭିଜନରେ କାର୍ଯ୍ୟରତ ACFଙ୍କର ଡିଭିଜନରେ ଥିବା ସମସ୍ତ ବୃକ୍ଷରୋପଣ ସ୍ଥାନ ଗୁଡ଼ିକର ବୃକ୍ଷରୋପଣ ପରିକଳ୍ପନା/ ନକ୍ସା ଗୁଡ଼ିକୁ ଅନୁଧାନ ପୂର୍ବକ ଅନୁମୋଦନ ପାଇଁ ପୁର୍ଣ୍ଣ କର୍ତ୍ତୃତ୍ୱ/ କ୍ଷମତା ରହିବ ।

(ଖ) ସର୍ବସାଧାରଣ ସୂଚନା ଏବଂ 5T ପଦକ୍ଷେପ ଅନୁଯାୟୀ ସ୍ୱଚ୍ଛତା ବଜାୟ ରଖିବା ପାଇଁ ବୃକ୍ଷରୋପଣ ସ୍ଥାନରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ବୃକ୍ଷରୋପଣ ସମ୍ବନ୍ଧୀୟ ସମସ୍ତ ତଥ୍ୟ ସମ୍ବଳିତ ଏକ ସୂଚନା ଫଳକ ଲଗାଯିବ । ସୂଚନା ଫଳକର ଫଟୋଚିତ୍ର ୩୧ ଅଗଷ୍ଟ, ୨୦୨୧ ସୁଦ୍ଧା OFMS ପୋର୍ଟାଲରେ ସମ୍ପୃକ୍ତ ରେଞ୍ଜ ଅଧିକାରୀଙ୍କ ଦ୍ୱାରା ଅପଲୋଡ୍ କରାଯିବା ବାଞ୍ଛନୀୟ ।

## ୭. ଅନୁମୋଦିତ ମୂଲ୍ୟ (Cost Norm)

ରୋପଣ କରାଯିବାକୁ ଥିବା ଚାରା ସଂଖ୍ୟା ଏବଂ ଅନୁସରଣ କରାଯିବାକୁ ଥିବା ନିର୍ଦ୍ଧାରିତ ମୂଲ୍ୟ ସମ୍ପୃକ୍ତ ଯୋଜନାର ଅନୁମୋଦିତ ନିୟମ ଦ୍ୱାରା ପରିଚାଳିତ ହେବ । ଏହା ଉଲ୍ଲେଖ କରାଯାଇପାରେ ଯେ, ସଂଶୋଧିତ OFD Code ଅନୁଯାୟୀ, ଠିକା ପ୍ରସ୍ତାବ (Tender system) ମାଧ୍ୟମରେ ବୃକ୍ଷ ରୋପଣ ସ୍ଥାନ ଗୁଡ଼ିକରେ ଗାତ ଖୋଳିବା କାମକୁ କାର୍ଯ୍ୟକ୍ଷମ କରିବା ପାଇଁ ଡିଭିଜନ ଗୁଡ଼ିକ ଅନୁମୋଦିତ ମୂଲ୍ୟ (approved cost) ଆଧାରରେ ଆନୁମାନିକ ମୂଲ୍ୟ(estimated cost) ପ୍ରସ୍ତୁତ କରିବେ ଏବଂ କର୍ତ୍ତୃପକ୍ଷଙ୍କ ଅନୁମୋଦନ ପରେ ଅନ୍ତିମ ବିଡ୍ ମୂଲ୍ୟ (final bid price) ହିଁ ପ୍ରକଳ୍ପର ମୂଲ୍ୟ ହେବ । ଯଦି ବିଡ୍ ମୂଲ୍ୟ ଆନୁମାନିକ ମୂଲ୍ୟଠାରୁ ଅଧିକ ହୋଇଥାଏ, ତେବେ ସେହି ନିର୍ଦ୍ଦିଷ୍ଟ ବୃକ୍ଷରୋପଣ ସ୍ଥାନର ସାମଗ୍ରିକ ଅନୁମୋଦିତ ମୂଲ୍ୟ (total approved cost norm) ଉପରେ ଆଧାର କରି ଭିନ୍ନକ ପରିମାଣ (differential amount) ପୂରଣ ହେବା ବାଞ୍ଛନୀୟ।

## ୮. ଉତ୍ତର ଦାୟୀତ୍ୱ ସ୍ତର (Accountability Level)

ବୃକ୍ଷରୋପଣ ସହିତ ଜଡିତ ବିଭିନ୍ନ କାର୍ଯ୍ୟର କାର୍ଯ୍ୟକାରିତା ପାଇଁ ନିମ୍ନ ଲିଖିତ ଅଧିକାରୀ ସ୍ତରର ଉତ୍ତରଦାୟିତ୍ୱ ବଜାୟ ରହିବ । ଏହା ସହିତ ଆର୍ଥିକ ଦାୟିତ୍ୱ ସ୍ୱରୂପ ଆକାଉଣ୍ଟିଂ ପଦ୍ଧତି ଅନୁଯାୟୀ ଭାଉଚର ପ୍ରସ୍ତୁତି ଏବଂ ତାର ଅନୁମୋଦନ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁଯାୟୀ ସମ୍ପୂର୍ଣ୍ଣ କରାଯିବା ଆବଶ୍ୟକ।

| କ୍ରମିକ ନଂ | କାର୍ଯ୍ୟକ୍ରମ | ପ୍ରାଥମିକ ଉତ୍ତରଦାୟିତ୍ୱ | ପର୍ଯ୍ୟବେକ୍ଷଣ ଉତ୍ତର ଦାୟିତ୍ୱ |
|---|---|---|---|
| ୧ | କିସମୱାରୀ ଚାରା ପ୍ରସ୍ତୁତ | ଫରେଷ୍ଟର | ରେଞ୍ଜ ଅଫିସର (୧୦୦%)<br>ACF (୫୦% ଯାଞ୍ଚ ମାପ)<br>DFO (୨୫%)<br>RCCF (ଅତି କମରେ ପ୍ରତି ଡିଭିଜନରେ ୫ ଟି ଚାରା ଉଦ୍ୟାନ (nursery)) |

| | | | |
|---|---|---|---|
| ୨ | ବୃକ୍ଷରୋପ କ୍ଷେତ୍ରର ମାନଚିତ୍ର ପ୍ରସ୍ତୁତି ଏବଂ ତାର ସଠିକତା | ଫରେଷ୍ଟର | ରେଞ୍ଜ ଅଫିସର (୧୦୦%)<br>ACF (୫୦% ଯାଞ୍ଚ ମାପ)<br>DFO (୧୦%)<br>RCCF (ଅତି କମରେ ପ୍ରତି ଡିଭିଜନର ଦୁଇଟି ସ୍ଥାନ (site)) |
| ୩ | ବୃକ୍ଷରୋପଣ ନକ୍ସା/ପରିକଳ୍ପନା (Design) | ଫରେଷ୍ଟର | ରେଞ୍ଜ ଅଫିସର (୧୦୦%)<br>ACF (୫୦% ଯାଞ୍ଚ ମାପ) |
| ୪ | ବୃକ୍ଷରୋପଣ ସ୍ଥାନରେ ଗାତ ଖୋଳାଇବା | ଫରେଷ୍ଟ ଗାର୍ଡ | ଫରେଷ୍ଟର (୧୦୦%)<br>ରେଞ୍ଜ ଅଫିସର (୫୦% ଯାଞ୍ଚ ମାପ) |
| ୫ | ରୋପିତ ଚାରା ସଂଖ୍ୟା | ଫରେଷ୍ଟ ଗାର୍ଡ | ଫରେଷ୍ଟର (୧୦୦%)<br>ରେଞ୍ଜ ଅଫିସର (୫୦% ଯାଞ୍ଚ ମାପ) |
| ୬ | ବୃକ୍ଷରୋପଣର ପରବର୍ତ୍ତୀ କାର୍ଯ୍ୟ | ଫରେଷ୍ଟ ଗାର୍ଡ | ଫରେଷ୍ଟର (୧୦୦%)<br>ରେଞ୍ଜ ଅଫିସର (୫୦% ଯାଞ୍ଚ ମାପ) |
| ୭ | ନିର୍ଦ୍ଧାରିତ ସମୟରେ OFMSରେ ସଠିକ ତଥ୍ୟ ଅଦ୍ୟତନ (Data uploading) | ରେଞ୍ଜ ଅଫିସର | ACF (୧୦୦% ) |
| ୮ | OFMSରେ ତଥ୍ୟର ବୈଧତା ଏବଂ ପ୍ରମାଣପତ୍ର | ରେଞ୍ଜ ଅଫିସର | DFO (୧୦୦%)<br>RCCF (୧୦%) |

## ୯. ପର୍ଯ୍ୟାଲୋଚନ ଓ ମୂଲ୍ୟାୟନ (Monitoring & Evaluation)

(କ) RCCF ମାନେ ନିଜ ଅଧୀନରେ ଥିବା ବନଖଣ୍ଡ ମାନଙ୍କ ଦ୍ୱାରା କରାଯାଇଥିବା ସମସ୍ତ ବୃକ୍ଷରୋପଣ କାର୍ଯ୍ୟ ପାଇଁ ଏକ ନିରପେକ୍ଷ, ସ୍ୱଚ୍ଛ ଏବଂ ଏକକାଳୀନ ପର୍ଯ୍ୟାଲୋଚନ ପ୍ରକ୍ରିୟା (Monitoring System)ର କାର୍ଯ୍ୟକ୍ଷମ ପାଇଁ ଦାୟିତ୍ୱ ବହନ କରିବେ। ଚାରା ମହଜୁଦର ତୃତୀୟ ପକ୍ଷ ଯାଞ୍ଚ କାର୍ଯ୍ୟ ପାଇଁ ଡିଭିଜନ୍ ମଧ୍ୟରେ ଥିବା ଅନ୍ୟ ରେଞ୍ଜ କର୍ମଚାରୀ କିମ୍ବା ଅନ୍ୟ ଡିଭିଜନ୍‌ର କର୍ମଚାରୀଙ୍କୁ ନିୟୋଜିତ କରାଯିବା ଉପରେ RCCF ନିଷ୍ପତ୍ତି ନେବେ । ବୃକ୍ଷରୋପଣ କାର୍ଯ୍ୟର ତଦାରଖ/ ଯାଞ୍ଚ ପାଇଁ ମଧ୍ୟ ସମାନ ପଦ୍ଧତି ଗ୍ରହଣ କରାଯାଇପାରେ ।ଆବଶ୍ୟକ ସ୍ଥଳେ ଚାରା

ବୃକ୍ଷରୋପଣ କାର୍ଯ୍ୟର ସମୀକ୍ଷା ପାଇଁ ତାଲିମ ଓ ବିକାଶ ମଣ୍ଡଳ କଟକ (Training & Development Circle, Cuttack) ଅଧିନସ୍ଥ କର୍ମଚାରୀମାନଙ୍କୁ ସାମିଲ କରିବା ଉଦ୍ଦେଶ୍ୟରେ RCCF ମାନେ ମୁଖ୍ୟ ବନ ସଂରକ୍ଷକ, ତାଲିମ ଓ ବିକାଶଙ୍କ ସହିତ ଯୋଗାଯୋଗ କରିପାରନ୍ତି । 5T ପଦକ୍ଷେପ ଅନୁଯାୟୀ ସ୍ୱଚ୍ଛତା ବଜାୟ ରଖିବା ପାଇଁ ନିକଟସ୍ଥ ବନ ସୁରକ୍ଷା ସମିତି (VSS) ସଦସ୍ୟମାନଙ୍କ ସହାୟତା ମଧ୍ୟ ନିଆଯାଇପାରେ।

(ଖ) ବୃକ୍ଷରୋପଣ କାର୍ଯ୍ୟ ସମାପ୍ତ ହେବା ପରେ ୨୦୨୧ ର ପ୍ରତ୍ୟେକ ବୃକ୍ଷରୋପଣ ସ୍ଥାନର ମୂଲ୍ୟାୟନ ଉପରେ ଏକ ସମୀକ୍ଷା ରିପୋର୍ଟ ୩୧ ଡିସେମ୍ବର, ୨୦୨୧ ମଧ୍ୟରେ RCCF ମାନଙ୍କଦ୍ୱାରା ଦାଖଲ କରାଯିବା ବାଞ୍ଛନୀୟ । RCCF ମାନେ ପ୍ରତି ଡିଭିଜନର ଅତି କମରେ ୨-୩ ଟି ବୃକ୍ଷରୋପଣ ସ୍ଥାନର ସମୀକ୍ଷା ଓ ମୂଲ୍ୟାୟନ କରିବେ ଏବଂ ନିର୍ଦ୍ଦିଷ୍ଟ ଟିପ୍ପଣୀ ଓ ସୁପାରିଶ ସହିତ ପ୍ରତ୍ୟେକ ଡିଭିଜନର ମୂଲ୍ୟାୟନ ରିପୋର୍ଟକୁ ଅତିରିକ୍ତ ମୁଖ୍ୟ ବନ ସଂରକ୍ଷକ, ପର୍ଯ୍ୟାଲୋଚନ, ମୂଲ୍ୟାଙ୍କନ ଓ ଆଭ୍ୟନ୍ତରୀଣ ସତର୍କତା (PCCF, ME&IV )ଙ୍କ ନିକଟକୁ ପ୍ରେରଣ କରିବେ।

(ଗ) RCCF / DFO ମାନଙ୍କଦ୍ୱାରା ସମୀକ୍ଷା ଓ ମୂଲ୍ୟାୟନ କାର୍ଯ୍ୟର କାର୍ଯ୍ୟାନ୍ୱୟନ ସହିତ ରାଜ୍ୟ ଜଙ୍ଗଲ ମୁଖ୍ୟ କାର୍ଯ୍ୟାଳୟର ପର୍ଯ୍ୟାଲୋଚନ, ମୂଲ୍ୟାଙ୍କନ ଓ ଆଭ୍ୟନ୍ତରୀଣ ସତର୍କତା ଶାଖା (ME&IV wing), ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ଯୋଜନା କାର୍ଯ୍ୟକ୍ରମ ଓ ବନୀକରଣ) ଏବଂ ଅତିରିକ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (କାମ୍ପା)ଙ୍କ ପରାମର୍ଶ ମାଧ୍ୟମରେ ପୃଥକ ଭାବରେ ବାହ୍ୟ/ ତୃତୀୟ ପକ୍ଷ ସମୀକ୍ଷା ଓ ମୂଲ୍ୟାୟନ (external monitoring & evaluation)କରିବା ପାଇଁ ଏକ ଯୋଜନା ପ୍ରସ୍ତୁତ କରିବେ।

**୧୦. 5T ସମନ୍ୱୟ (5T Compliance)**

5T ମନ୍ତ୍ର ଯଥା, ସ୍ୱଚ୍ଛତା, ଟେକ୍ନୋଲୋଜି, ଦଳଗତ କାର୍ଯ୍ୟ, ସମୟ ଏବଂ ରୂପାନ୍ତରଣର ଅନୁସରଣ କରିବା ସମସ୍ତ ବୃକ୍ଷରୋପଣ କାର୍ଯ୍ୟକ୍ରମର ମୂଳମନ୍ତ୍ର ରହିବ। ବୃକ୍ଷରୋପଣ ସମ୍ବନ୍ଧୀୟ ତଥ୍ୟ ଜାଣିବାକୁ ଚାହୁଁଥିବା ଯେକୌଣସି ନାଗରିକଙ୍କୁ, ସୂଚନା

ଦିଆଯିବା ଉପରେ ଅଗ୍ରାଧିକାର ରହିବ । ସେହିଭଳି ବୃକ୍ଷରୋପଣ ରିପୋର୍ଟ ପାଇଁ ଓଡ଼ିଶା ଜଙ୍ଗଲ ନିରୀକ୍ଷଣ ବ୍ୟବସ୍ଥା (Odisha Forest Management System)କୁ ବୈଷୟିକ ପ୍ଲାଟଫର୍ମ ଭାବରେ ବିବେଚନା କରାଯିବ । ଯେହେତୁ ବୃକ୍ଷରୋପଣର ସଫଳତା ଦଳଗତ ଉଦ୍ୟମ ଉପରେ ନିର୍ଭର କରେ, ସମସ୍ତ ହିତାଧିକାରୀ ଏହି ପ୍ରକ୍ରିୟାରେ ଜଡିତ ରହିବେ। ଅଧିକନ୍ତୁ, ବୃକ୍ଷରୋପଣ କାର୍ଯ୍ୟର ସଫଳ ରୂପାୟନ ପାଇଁ ବିଭିନ୍ନ କାର୍ଯ୍ୟଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କଡାକଡି କର୍ଯ୍ୟାନ୍ୱିତ କରାଯିବା ଉଚିତ୍ ।

୧୧. କୋଭିଡ୍ ମାର୍ଗଦର୍ଶିକା **(Covid Guidelines)**

ସାମ୍ପ୍ରତିକ ଲକ୍ ଡାଉନ୍ ସମୟରେ ସ୍ୱତନ୍ତ୍ର ରିଲିଫ କମିଶନର, (SRC), ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶନାମା ତା ୦୧.୦୫.୨୦୨୧ ରିଖ (ପାରା-ଜି)ରେ ନିର୍ଦ୍ଦିଷ୍ଟ ସର୍ତ୍ତ ଅନୁଯାୟୀ ବୃକ୍ଷରୋପଣ କାର୍ଯ୍ୟକୁ ଅନୁମତି ପ୍ରଦାନର ଉଲ୍ଲେଖ ରହିଛି । କୋଭିଡ୍ ଉପଯୁକ୍ତ ଆଚରଣ ଏବଂ ସମୟ ସମୟରେ ସରକାରଙ୍କ ଦ୍ୱାରା ଜାରି କରାଯାଉଥିବା ମାର୍ଗଦର୍ଶିକା ଅନୁଯାୟୀ ସମସ୍ତ ନିର୍ଦ୍ଦେଶକୁ ବନଖଣ୍ଡ ମାନଙ୍କରେ କଡାକଡି ଭାବରେ ପାଳନ କରାଯିବା ଉଚିତ୍ ।

୧୨. ବୃକ୍ଷରୋପଣ ନିର୍ଦ୍ଦେଶାବଳୀ ୨୦୨୧ କ୍ଷେତ୍ର ଅଧିକାରୀମାନଙ୍କ (Range Officer, Forester, Forest Guard) ମଧ୍ୟରେ ବ୍ୟାପକ ଭାବରେ ପ୍ରସାରିତ ହେବା ବାଞ୍ଛନୀୟ ।

ଶିଶିର କୁମାର ରଥ
(ଶିଶିର କୁମାର ରଥ)
ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓ ଜଙ୍ଗଲ ବାହିନୀ ପ୍ରମୁଖ

**ପତ୍ର ସଂଖ୍ୟା ୮୯୧ / ତାରିଖ ୬ ମଇ, ୨୦୨୧**

ଏକାକୀତ ନକଲ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାରଙ୍କ ଅବଗତ ନିମନ୍ତେ ପ୍ରେରଣ କରାଗଲା ।

ଶିଶିର କୁମାର ରଥ
(ଶିଶିର କୁମାର ରଥ)
ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓ ଜଙ୍ଗଲ ବାହିନୀ ପ୍ରମୁଖ

ପତ୍ର ସଂଖ୍ୟା ୮୮୯୨ / ତାରିଖ ୬ ମଇ, ୨୦୨୧

ଏକାକୀତ ନକଲ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟ ପ୍ରାଣୀ)/ ପ୍ରକଳ୍ପ ନିର୍ଦ୍ଦେଶକ (OFSDP)/ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ଯୋଜନା କାର୍ଯ୍ୟକ୍ରମ ଓ ବନୀକରଣ)/ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ( P&A )/ ଅତିରିକ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ME&IV)/ ଅତିରିକ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (P&SM)/ ଅତିରିକ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (IT & GIS)/ ଅତିରିକ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (CAMPA)/ ଅତିରିକ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (FBA)/ ଅତିରିକ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (SMPB)/ ମୁଖ୍ୟ ବନ ସଂରକ୍ଷକ (T&D)/ ବନ ସଂରକ୍ଷକ (WP)/ ବନ ସଂରକ୍ଷକ (ADMIN)/ ସମସ୍ତ କାର୍ଯ୍ୟରତ ଯୋଜନା ଅଧିକାରୀ / ସମସ୍ତ ଉପ ବନ ସଂରକ୍ଷକ/ ମୁଖ୍ୟ ଆକାଉଣ୍ଟସ୍ ଅଧିକାରୀ/ ବରିଷ୍ଠ ପ୍ରଶାସନ ଅଧିକାରୀଙ୍କ ଅବଗତ ଓ ଆବଶ୍ୟକୀୟ ପଦକ୍ଷେପ ନିମନ୍ତେ ପ୍ରେରଣ କରାଗଲା ।

ଶିଶିର କୁମାର ରଥ

(ଶିଶିର କୁମାର ରଥ)

ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓ ଜଙ୍ଗଲ ବାହିନୀ ପ୍ରମୁଖ